# NATIONAL NEWS BULLETIN (ODIA)
## 13th August - 2026
## Evening Bulletin : 7.15 p.m.

*********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଉଦୟନାଥ ସ୍ୱାଇଁ**

## ମୁଖ୍ୟ ସମ୍ବାଦ

- ଶେଷ ହେଲା ସଂସଦର ମୌସୁମୀ ଅଧିବେଶନ ।
- ୧୦୦ରୁ ଅଧିକ କଳାକାରଙ୍କୁ ସଙ୍ଗୀତ ନାଟକ ଏକାଡେମୀ ଫେଲୋସିପ୍ ଓ ପୁରସ୍କାର ପ୍ରଦାନ କଲେ ରାଷ୍ଟ୍ରପତି ।
- ହର୍ ଘର୍ ତିରଙ୍ଗା ଅଭିଯାନ ପ୍ରତ୍ୟେକ ଭାରତୀୟଙ୍କ ହୃଦୟରେ ଜାଗ୍ରତ କରୁଛି ଦେଶପ୍ରେମର ଭାବନା; କହିଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ।
- ହର୍ମୁଜ୍ ପ୍ରଣାଳୀ ଉପରେ ୱାଶିଂଟନର ସମ୍ପୂର୍ଣ୍ଣ ନିୟନ୍ତ୍ରଣ ଦାବିକୁ ଖଣ୍ଡନ କଲା ତେହେରାନ୍ ।

ଏବଂ

- ରାଜ୍ୟଗୋଷ୍ଠୀ ଫେନ୍‌ସିଂ ପ୍ରତିଯୋଗିତାରେ ୩୫ଟି ପଦକ ସହ ଚାମ୍ପିୟନ୍ ଆଖ୍ୟା ଅର୍ଜନ କଲା ଭାରତ ।

## ଏଲ୍.ଏସ୍. - ସାଇନ୍ ଡାଏ

ସଂସଦର ମୌସୁମୀ ଅଧିବେଶନ ଆଜି ଶେଷ ହେବା ସହ ଉଭୟ ସଦନକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରାଯାଇଛି । ଗତମାସ ୨୦ ତାରିଖରୁ ଆଜି ପର୍ଯ୍ୟନ୍ତ ୨୫ ଦିନ ଧରି ଅନୁଷ୍ଠିତ ଅଧିବେଶନ କାଳରେ ୧୯ଟି ବୈଠକରେ ୧୨ଟି ଗୁରୁତ୍ୱପୂର୍ଣ୍ଣ ବିଧେୟକକୁ ସଂସଦ ମଞ୍ଜୁରି ପ୍ରଦାନ କରିଛି । ସେଗୁଡ଼ିକ ମଧ୍ୟରେ ସାର୍ବଜନୀନ ପରୀକ୍ଷା, ଅସାଧୁ ଉପାୟ ନିବାରଣ ସଂଶୋଧନ ବିଲ୍, ଜାତୀୟ ସମ୍ମାନର ଅବମାନନା ନିବାରଣ ସଂଶୋଧନ ବିଲ୍, ଟ୍ରିବ୍ୟୁନାଲ ସଂସ୍କାର ବିଲ୍, ଜାତୀୟ ସମବାୟ ବିକାଶ ନିଗମ ସଂଶୋଧନ ବିଲ୍, କେରଳ ନାମ ପରିବର୍ତ୍ତନ ବିଲ୍ ଆଦି ଅନ୍ତର୍ଭୁକ୍ତ । ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି, ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁଁ ଉଭୟ ସଦନର ଗୃହକାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା । ଲୋକସଭାର ଉତ୍ପାଦକତା ୧୯ ପ୍ରତିଶତ ହୋଇଥିବାବେଳେ ରାଜ୍ୟସଭାର ୩୯ ପ୍ରତିଶତ ହୋଇଛି ।

## ପ୍ରେଜ୍ - ସଙ୍ଗୀତ ଆୱାର୍ଡ଼

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ନୂଆଦିଲ୍ଲୀରେ ଏକ ସ୍ୱତନ୍ତ୍ର ସମାରୋହରେ ୧୦୦ରୁ ଊର୍ଦ୍ଧ୍ୱ କଳାକାରଙ୍କୁ ୨୦୨୪ ଏବଂ ୨୦୨୫

ବର୍ଷପାଇଁ ସଙ୍ଗୀତ ନାଟକ ଏକାଡେମୀ ଫେଲୋସିପ୍ ଏବଂ ପୁରସ୍କାର ପ୍ରଦାନ କରିଛନ୍ତି । ଦେଶର କଳା, ସଙ୍ଗୀତ, ନୃତ୍ୟ, ନାଟକ, ଲୋକ ଓ ଜନଜାତି କଳା, କଣ୍ଢେଇ ନାଚ, ପାରମ୍ପରିକ ନାଟକ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ କଳାକ୍ଷେତ୍ରରେ ଅବଦାନପାଇଁ ଏହି ପୁରସ୍କାର ପ୍ରଦାନ କରାଯାଉଛି । ଏହି ଅବସରରେ ଉପସ୍ଥିତ ସମାବେଶକୁ ସମ୍ବୋଧିତ କରି ରାଷ୍ଟ୍ରପତି କହିଛନ୍ତି, ପୁରସ୍କାର ବିଜେତାମାନେ ଆଧୁନିକ ଭାରତର ପ୍ରତିଭା ଏବଂ ନିଷ୍ଠାକୁ ପ୍ରତିଫଳିତ କରୁଛନ୍ତି । ସେ କହିଛନ୍ତି, ସଙ୍ଗୀତର ଅନେକ ପଦ୍ଧତି, ନୃତ୍ୟର ଅନେକ ଶୈଳୀ ଏବଂ ଲୋକନାଟକର ଅଗଣିତ ରୂପ ରହିଛି । ସାରାଦେଶରେ ସମୃଦ୍ଧ ଲୋକସଂସ୍କୃତିର ସଂରକ୍ଷଣରେ କଳାକାରମାନେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି ବୋଲି ରାଷ୍ଟ୍ରପତି କହିଛନ୍ତି ।

***Voice (Prez-Culture)*** :…….

ଦେଶର ଲୋକକଳାଗୁଡ଼ିକ ବିଲୁପ୍ତ ହେବା ସଙ୍କଟର ସମ୍ମୁଖୀନ ହେଉଥିବାରୁ ରାଷ୍ଟ୍ରପତି ଉଦ୍‌ବେଗ ପ୍ରକାଶ କରିଛନ୍ତି । ଏଭଳି କଳାଗୁଡ଼ିକର ଦସ୍ତାବିଜ୍ ପ୍ରସ୍ତୁତି ଏବଂ ସେଗୁଡ଼ିକୁ ଜୀବିତ ରଖିବାପାଇଁ ସ୍ୱତନ୍ତ୍ର ପ୍ରୟାସର ଆବଶ୍ୟକତା ଉପରେ ରାଷ୍ଟ୍ରପତି ଗୁରୁତ୍ୱାରୋପ କରିଛନ୍ତି । ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ "କଳାଦୀକ୍ଷା" କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିବାରୁ ରାଷ୍ଟ୍ରପତି ସନ୍ତୋଷ ବ୍ୟକ୍ତ କରିଛନ୍ତି ।

# ମିନିଷ୍ଟର୍ସ - ହର୍ ଘର୍ ତିରଙ୍ଗା

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜେ.ପି. ନଡ୍ଡା ଏବଂ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କରଙ୍କ ସମେତ ଅନେକ କେନ୍ଦ୍ରମନ୍ତ୍ରୀ ଆଜି ତ୍ରିରଙ୍ଗା ଉଡ଼ାଇ 'ହର୍ ଘର୍ ତିରଙ୍ଗା' ଅଭିଯାନରେ ସାମିଲ୍ ହୋଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି, ଏହି ଅଭିଯାନ ପ୍ରତ୍ୟେକ ଭାରତୀୟଙ୍କ ହୃଦୟରେ ଦେଶପ୍ରେମର ଭାବନା ଜାଗ୍ରତ କରିବା ସହ ସେମାନଙ୍କୁ ଗୌରବାନ୍ୱିତ କରୁଛି । ନୂଆଦିଲ୍ଲୀସ୍ଥିତ ନିଜ ବାସଭବରେ ତିରଙ୍ଗା ଉଡ଼ାଇବା ପରେ ଶ୍ରୀ ଶାହା କହିଛନ୍ତି, କୋଟି କୋଟି ନାଗରିକ ତିରଙ୍ଗା ସହ ଯୋଡ଼ି ହେଉଛନ୍ତି ଏବଂ 'ଏକ ଭାରତ, ଶ୍ରେଷ୍ଠ ଭାରତ'ର ଭାବନାକୁ ସୁଦୃଢ଼ କରୁଛନ୍ତି ।

ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନକ୍ରମେ ସାରାଦେଶ 'ହର୍ ଘର୍ ତିରଙ୍ଗା' ଅଭିଯାନ ପାଳନ କରୁଛି ।

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ମଧ୍ୟ ନିଜ ସାମାଜିକ ଗଣମାଧ୍ୟମ ଆକାଉଣ୍ଟ୍‌ରେ ତିରଙ୍ଗା ସହ ଏକ ଫଟୋ ଶେୟାର୍ କରିଛନ୍ତି ।

କୋଇଲା ଓ ଖଣି ମନ୍ତ୍ରୀ ଜି. କିଷାନ୍ ରେଡ୍ଡୀ ନାଗରିକମାନଙ୍କୁ ନିଜ ନିଜ ଘରେ ତିରଙ୍ଗା ଉଡ଼ାଇବା ସହ ଏହି ଜାତୀୟ ଉତ୍ସବରେ ସାମିଲ୍ ହେବାକୁ ନିବେଦନ କରିଛନ୍ତି ।

## ରେଡ୍ଡୀ -ଏମ୍.ଏମ୍.ଡି.ଆର୍. ବିଲ୍

କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ଜି. କିଷାନ ରେଡ୍ଡୀ କହିଛନ୍ତି, ଆଜି ସଂସଦରେ ଗୃହୀତ ହୋଇଥିବା ଖଣି ଏବଂ ଖଣିଜ (ବିକାଶ ଏବଂ ନିୟନ୍ତ୍ରଣ) ସଂଶୋଧନ ବିଲ୍ ଯୋଗୁଁ କୌଣସି ରାଜ୍ୟର ସ୍ୱାର୍ଥହାନି ଘଟିବ ନାହିଁ । ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସମ୍ବୋଧିତ କରି ଶ୍ରୀ ରେଡ୍ଡୀ କହିଛନ୍ତି, ପ୍ରମୁଖ ଖଣିଜ ପଦାର୍ଥର ଉତ୍ପାଦନ ବୃଦ୍ଧି କରି ଏହି ବିଲ୍‌ର ଲକ୍ଷ୍ୟ ରହିଛି । ସରକାରୀ ଆଭିମୁଖ୍ୟ ମାଧ୍ୟମରେ ଖଣି କ୍ଷେତ୍ରରେ ପୁଞ୍ଜିନିବେଶ ଏବଂ ନିଯୁକ୍ତି ବୃଦ୍ଧିପାଇଁ କେନ୍ଦ୍ର ସରକାର କାର୍ଯ୍ୟ କରୁଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି । ଖଣି କ୍ଷେତ୍ରରୁ ରାଜ୍ୟଗୁଡ଼ିକର ରାଜସ୍ୱ ଅଂଶଧନ ୬୫ ପ୍ରତିଶତରୁ ୮୫ ପ୍ରତିଶତକୁ ବୃଦ୍ଧି ପାଇଛି ବୋଲି ଶ୍ରୀ ରେଡ୍ଡୀ ସୂଚନା ଦେଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାରଙ୍କ ଦ୍ୱାରା ନିଆଯାଇଥିବା ସଂସ୍କାର ଯୋଗୁଁ ଖଣିଜ ପଦାର୍ଥର ରାଜ୍ୟଗୁଡ଼ିକର ରାଜସ୍ୱ ୨୩ ପ୍ରତିଶତ ବୃଦ୍ଧି ପାଇଛି ବୋଲି ମନ୍ତ୍ରୀ କହିଛନ୍ତି ।

## ଇରାନ୍ - ୟୁ.ଏସ୍.

ହର୍ମୁଜ୍ ପ୍ରଣାଳୀ ଉପରେ ୱାଶିଂଟନ୍‌ର ସମ୍ପୂର୍ଣ୍ଣ ନିୟନ୍ତ୍ରଣ ସଂକ୍ରାନ୍ତ ଦାବିକୁ ଇରାନ ବୈଦେଶିକ ମନ୍ତ୍ରୀ ସୟଦ ଆବାସ୍ ଅର୍ଘାଚୀ ଖଣ୍ଡନ କରିଛନ୍ତି । ଗୁଇନ୍ଦା ବିଫଳତା ହେତୁ ଆମେରିକା ଏହି ଜଳପଥକୁ ନେଇ ବାରମ୍ବାର ଭୁଲ୍ ଆକଳନ କରୁଛି ବୋଲି ଶ୍ରୀ ଅର୍ଘାଚୀ ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି । ହର୍ମୁଜ ପ୍ରଣାଳୀ ଉପରେ ଆମେରିକାର ସମ୍ପୂର୍ଣ୍ଣ ନିୟନ୍ତ୍ରଣ ରହିଛି ଏବଂ ଏହାକୁ ବଜାୟ ରଖାଯିବ ବୋଲି ଡୋନାଲ୍‌ଡ ଟ୍ରମ୍ପ୍ ଦାବି କରିବା ପରେ ଇରାନ୍ ପକ୍ଷରୁ ଏହି ମନ୍ତବ୍ୟ ପ୍ରକାଶ ପାଇଛି । ଏହି ରଣନୈତିକ ଜଳପଥ ଏବେ ମଧ୍ୟ ଅବରୋଧ ହୋଇ ରହିଛି ଏବଂ ତେହେରାନ୍‌ର ସର୍ତ୍ତଗୁଡ଼ିକ ଗ୍ରହଣ ନ ହେବା ପର୍ଯ୍ୟନ୍ତ ଏହାକୁ ପୁନର୍ବାର ଖୋଲାଯିବ ନାହିଁ ବୋଲି ଶ୍ରୀ ଅର୍ଘଚୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

## ଇଣ୍ଡିଆ-ବ୍ରିକ୍ସ-ଚୀନ

ଚଳିତ ବର୍ଷ ଭାରତର ବ୍ରିକ୍ସ ଅଧ୍ୟକ୍ଷତାକୁ ଚୀନ ଏବଂ ରୁଷ୍ ପୁନର୍ବାର ସମର୍ଥନ ଜଣାଇଛନ୍ତି । ନୂଆଦିଲ୍ଲୀ ଚତୁର୍ଥ ଥରପାଇଁ ଏହି ଗୋଷ୍ଠୀର ଅଧ୍ୟକ୍ଷତା

କରୁଛି । ଭାରତରେ ଅବସ୍ଥାପିତ ଚୀନ ରାଷ୍ଟ୍ରଦୂତ ଷୁ ଫେଇହଙ୍ଗ୍ ଏବଂ ରୁଷର ଚାର୍ଜ ଡି'ଆଫେୟାର୍ସ ରୋମାନ ବାବୁସ୍କିନ୍ ଆଜି ନୂଆଦିଲ୍ଲୀରେ ବିବେକାନନ୍ଦ ଇଣ୍ଟରନ୍ୟାସନାଲ୍ ଫାଉଣ୍ଡେସନଦ୍ୱାରା ଆୟୋଜିତ ଏକ ବ୍ରିକ୍ସ ରାଷ୍ଟ୍ରଦୂତ ଗୋଲ୍‌ଟେବୁଲ୍ ଆଲୋଚନାଚକ୍ରରେ ଯୋଗ ଦେଇଥିଲେ । ସହଯୋଗକୁ ବ୍ୟାପକ କରିବା ଏବଂ ବିଶ୍ୱବ୍ୟାପାରରେ ଏହି ଗୋଷ୍ଠୀର ଭୂମିକାକୁ ମଜବୁତ କରିବାପାଇଁ ଚୀନ୍' ଭାରତ ଏବଂ ଅନ୍ୟାନ୍ୟ ବ୍ରିକ୍ସ ସଦସ୍ୟମାନଙ୍କ ସହ ମିଶି କାର୍ଯ୍ୟ କରିବାକୁ ପ୍ରସ୍ତୁତ ବୋଲି ରାଷ୍ଟ୍ରଦୂତ ଫେଇହଙ୍ଗ୍ କହିଛନ୍ତି । ରୁଷ୍‌ର ରୋମାନ୍ ବାବୁସ୍କିନ୍ ମଧ୍ୟ ବ୍ରିକ୍ସ ଅଧ୍ୟକ୍ଷ ଭାବେ ଭାରତର ପ୍ରାଥମିକତାଗୁଡ଼ିକୁ ମସ୍କୋର ସମର୍ଥନ ନେଇ ପୁନଃ ଦୋହରାଇଛନ୍ତି ।  ବ୍ରିକ୍ସକୁ ବ୍ୟାବହାରିକ ସହଯୋଗ ଏବଂ ଗ୍ଲୋବାଲ୍ ସାଉଥ୍‌ର ସ୍ୱାର୍ଥରକ୍ଷାପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ଭାବେ ଶ୍ରୀ ବାବୁସ୍କିନ୍ ବର୍ଣ୍ଣନା କରିଛନ୍ତି । ଭାରତର ୨୦୨୬ ବ୍ରିକ୍ସ ଅଧ୍ୟକ୍ଷତା "ବିଲ୍ଡିଂ ଫର୍ ରେଜିଲିଏନ୍ସ, ଇନୋଭେସନ, କୋଅପରେସନ ଆଣ୍ଡ ସଷ୍ଟେନବିଲିଟି" ବିଷୟବସ୍ତୁ ଦ୍ୱାରା ପରିଚାଳିତ ।

## ନୀତି ଆୟୋଗ – ମାନୁଫ୍ୟାକ୍‌ଚର ରିପୋର୍ଟ

ନୀତି ଆୟୋଗ ଉପାଧ୍ୟକ୍ଷ ଅଶୋକ କୁମାର ଲାହିରୀ' "ଭାରତକୁ ଏକ ବିଶ୍ୱସ୍ତରୀୟ ଉତ୍ପାଦନ ହବ୍ ଭାବେ ପ୍ରତିଷ୍ଠା କରିବାପାଇଁ ପ୍ରମୁଖ କ୍ଷେତ୍ର" ଶୀର୍ଷକ ଏକ ରିପୋର୍ଟ ପ୍ରକାଶ କରିଛନ୍ତି । ଏହି ରିପୋର୍ଟରେ ୧୨ଟି

ଅଗ୍ରାଧିକାର କ୍ଷେତ୍ରକୁ ପ୍ରାଧାନ୍ୟ ଦିଆଯାଇଛି, ଯାହା ବିଶ୍ୱସ୍ତରୀୟ ପ୍ରତିଯୋଗିତା, ସ୍ଥାନୀୟ ମୂଲ୍ୟବୃଦ୍ଧି, ନିଯୁକ୍ତି ସୃଷ୍ଟି ଏବଂ ବିଶ୍ୱ ଯୋଗାଣ ଶୃଙ୍ଖଳ ସହ ଯୋଡ଼ିହେବାର ଦୃଢ଼ ସମ୍ଭାବନା ରହିଛି । ମନୋନୀତ ହୋଇଥିବା ୧୨ଟି ପ୍ରମୁଖ କ୍ଷେତ୍ରଗୁଡ଼ିକ ହେଉଛି - ଅଟୋମୋବାଇଲ୍, ଇଲେକ୍ଟ୍ରୋନିକ୍ସ, ଇସ୍ପାତ, କ୍ୟାପିଟାଲ୍ ଗୁଡ୍ସ, ପ୍ରତିରକ୍ଷା ଓ ଡ୍ରୋନ୍, କେମିକାଲ, ସୋଲାର୍ ପି.ଭି., ବୟନ, ଫାର୍ମାସିଉଟିକାଲ୍ସ ଓ ମେଡିକାଲ୍ ଯନ୍ତ୍ରାଂଶ, ଟେଲିକମ୍ ଉପକରଣ, ଚମଡ଼ା ଓ ଜୋତା ଏବଂ ଖାଦ୍ୟ ପ୍ରକ୍ରିୟାକରଣ ।

## ଏମ୍.ଓ.ଡି. - ଡ୍ରେସ୍ ରିହାର୍ସଲ୍

ସ୍ୱାଧୀନତା ଦିବସ ପାଳନ ପୂର୍ବରୁ ଆଜି ନୂଆଦିଲ୍ଲୀର ଲାଲ୍‌କିଲ୍ଲାଠାରେ ୮୦ତମ ସ୍ୱାଧୀନତା ଦିବସର ଏକ ପୂର୍ଣ୍ଣାଙ୍ଗ ପ୍ରସ୍ତୁତି ବା ଫୁଲ୍ ଡ୍ରେସ୍ ରିହାର୍ସଲ୍ ଅନୁଷ୍ଠିତ ହୋଇଯାଇଛି । ପ୍ରତିରକ୍ଷା ମନ୍ତ୍ରଣାଳୟ ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛି, ଏହି ପ୍ରସ୍ତୁତି ଅଭ୍ୟାସରେ ସ୍ୱାଧୀନତା ଦିବସ ସମାରୋହର ଭବ୍ୟତା, ସଠିକତା ଏବଂ ଦେଶପ୍ରେମର ଭାବନା ପ୍ରଦର୍ଶିତ ହୋଇଥିଲା । ଏହି ଉତ୍ସବରେ 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତିକୁ ପାଳନ କରାଯିବ ଏବଂ ଏହାର ମୁଖ୍ୟ ବିଷୟବସ୍ତୁ "ବିକଶିତ ଭାରତ @ ୨୦୪୭ପାଇଁ ଯୁବଶକ୍ତି" ଉପରେ ଆଲୋକପାତ କରାଯିବ ।

## ଏସ୍.ସି. - ଏନ୍.ସି.ଡି.ଆର୍.ସି

ଜାତୀୟ ଉପଭୋକ୍ତା ବିବାଦ ସମାଧାନ ଆୟୋଗ-ଏନ୍.ସି.ଡି.ଆର୍.ସି.ରେ ବିଚାରାଧୀନ ମାମଲାଗୁଡ଼ିକର କ୍ରମାଗତ ବୃଦ୍ଧିକୁ ଆଜି ସୁପ୍ରିମ୍‌କୋର୍ଟ ଗମ୍ଭୀରତାର ସହ ନେଇଛନ୍ତି । ମାମଲାଗୁଡ଼ିକର ଶୀଘ୍ର ସମାଧାନପାଇଁ ଆଞ୍ଚଳିକ ଏବଂ ସର୍କିଟ୍ ବେଞ୍ଚ୍ ପ୍ରତିଷ୍ଠା କରିବା ଦିଗରେ ବିଚାର କରିବାକୁ କୋର୍ଟ କେନ୍ଦ୍ର ସରକାରଙ୍କୁ କହିଛନ୍ତି । ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟ କାନ୍ତ, ବିଚାରପତି ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀ ଏବଂ ବିଚାରପତି ଜଷ୍ଟିସ୍ ଭି. ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ ରାଜ୍ୟ ଓ ଜିଲ୍ଲା ଖାଉଟି ଆୟୋଗଗୁଡ଼ିକର କାର୍ଯ୍ୟଦକ୍ଷତା ଅଡିଟ୍‌ପାଇଁ ମଧ୍ୟ ଆହ୍ୱାନ ଦେଇଛନ୍ତି ।

## ଡିଫେନ୍ସ ଗରୁଡ଼

ପ୍ରତିରକ୍ଷା ଉତ୍ପାଦନ ବିଭାଗ ଅଧୀନସ୍ଥ ଭାରତ ଅପ୍‌ଟେଲ୍ ଲିମିଟେଡ୍ ଆଜି ସାଧାରଣ ନାଗରିକଙ୍କ ବ୍ୟବହାରପାଇଁ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ 'ଗରୁଡ଼' ହାଇ-ରିଜୋଲ୍ୟୁସନ୍ ବାଇନୋକୁଲାର୍ସର ଶୁଭାରମ୍ଭ କରିଛି । ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି, ଗରୁଡ଼' ସ୍ୱଦେଶୀ ଡିଜାଇନ୍ ଏବଂ ଜ୍ଞାନକୌଶଳରେ ନିର୍ମିତ ବାଇନୋକୁଲାର୍ ଯାହା ଆତ୍ମନିର୍ଭର ଭାରତର

ଆତ୍ମାକୁ ପ୍ରତିଫଳିତ କରୁଛି । ଭାରତ ଅପ୍‌ଟେଲ୍ ଲିମିଟେଡ୍ ଦ୍ୱାରା ପ୍ରସ୍ତୁତ ବାଇନୋକୁଲାର୍‌ରେ ବସ୍ତୁକୁ ୮ ଗୁଣା ଏବଂ ଦୃଶ୍ୟ ପରିସରକୁ ୭ ଦଶମିକ ୬ ଡିଗ୍ରୀ ବଡ଼ କରାଯାଇପାରିବ । ପକ୍ଷୀ ନିରୀକ୍ଷଣ, ବନ୍ୟଜନ୍ତୁ ଅନୁଧ୍ୟାନ, ପ୍ରକୃତି ଭ୍ରମଣ, କ୍ରୀଡ଼ା, ବନୀକରଣ, ସାମୁଦ୍ରିକ କାର୍ଯ୍ୟକଳାପ ଏବଂ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ କ୍ଷେତ୍ରପାଇଁ ବେଶ୍ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ମନ୍ତ୍ରଣାଳୟ କହିଛି ।

## ୟୁ.ଏନ୍.ଏସ୍.ସି. - ରେଡ୍‌ଫୋର୍ଟ ବ୍ଲାଷ୍ଟ

ଜାତିସଂଘ ନିରାପତ୍ତା ପରିଷଦର ଏକ ଆତଙ୍କବାଦ ନିରୀକ୍ଷଣ ଦଳ ଦିଲ୍ଲୀର ଲାଲ୍‌କିଲ୍ଲାଠାରେ ଗତ ନଭେମ୍ବର ମାସରେ ହୋଇଥିବା ଆତ୍ମଘାତୀ କାର୍ ବୋମା ବିସ୍ଫୋରଣପାଇଁ ଆତଙ୍କବାଦୀ ସଙ୍ଗଠନ ଅଲ୍-କାଏଦାକୁ ଦାୟୀ କରିଛି । ସେହି ବିସ୍ଫୋରଣ ଘଟଣାରେ ୧୧ ଜଣ ପ୍ରାଣ ହରାଇଥିଲେ । ରିପୋର୍ଟ ଅନୁସାରେ ଭାରତରେ ଆତଙ୍କବାଦୀ କାର୍ଯ୍ୟକଳାପରେ ଲିପ୍ତ ଅଲ୍-କାଏଦାର ଏକ ବିଖଣ୍ଡିତ ଗୋଷ୍ଠୀ ଆଞ୍ଚଳିକ ଆଞ୍ଚଳିକ ଆତଙ୍କବାଦୀ ସଙ୍ଗଠନ ଭାବେ ବିକଶିତ ହେବାରେ ଲାଗିଛି । ଏହା ବଡ଼ ୟୁନିଟ୍ ବଦଳରେ ବିକେନ୍ଦ୍ରୀକୃତ ଛୋଟ ଛୋଟ ଗୋଷ୍ଠୀରେ କାର୍ଯ୍ୟକରି ନିଜର ଯୋଗାଯୋଗ ଓ ଆର୍ଥିକ ନେଟ୍‌ୱାର୍କ ପ୍ରତିଷ୍ଠା କରିଛି । ରିପୋର୍ଟରେ ଏହା ମଧ୍ୟ ଦର୍ଶାଯାଇଛି, ସେହି ଗୋଷ୍ଠୀ ବାଂଲାଦେଶରେ ମଧ୍ୟ ନିଜର ଆତଙ୍କବାଦୀ ଗୋଷ୍ଠୀ ପ୍ରତିଷ୍ଠା

କରିବାକୁ ପ୍ରୟାସ ଚଳାଇଛି । ନିରାପତ୍ତା ପରିଷଦର ନିରୀକ୍ଷଣ ଦଳ ଚେତାବନୀ ଦେଇ କହିଛି, ଦକ୍ଷିଣ ଏସିଆରେ ଆତଙ୍କବାଦୀ ଆଶଙ୍କା ତୀବ୍ର ହୋଇଛି ।

## ମହା - ସାକିନାକା ଲ୍ୟାଣ୍ଡସ୍ଲାଇଡ୍

ମହାରାଷ୍ଟ୍ରର ମୁମ୍ବାଇସ୍ଥିତ ସାକିନାକା ଅଞ୍ଚଳରେ ଗତକାଲି ଘଟିଥିବା ଭୂସ୍ଖଳନଜନିତ ମୃତ୍ୟୁସଂଖ୍ୟା ୮କୁ ବୃଦ୍ଧି ପାଇଛି । ଏନ୍.ଡି.ଆର୍.ଏଫ୍., ଅଗ୍ନିଶମ ବାହିନୀ ଏବଂ ବ୍ରିହାନ୍ ମୁମ୍ବାଇ ମହାନଗର ନିଗମର ଏକ ଦଳଦ୍ୱାରା ଆଜି ସକାଳେ ଜଣେ ୨୮ ବର୍ଷୀୟ ଯୁବକଙ୍କ ମୃତଦେହକୁ ଭଗ୍ନାବଶେଷ ମଧ୍ୟରୁ ଉଦ୍ଧାର କରାଯାଇଛି । ପ୍ରବଳ ବର୍ଷାଯୋଗୁଁ ଗତକାଲି ସକାଳେ ସାକିନାକାର ଅଶୋକ ନଗରରେ ଏକ ପାର୍ଶ୍ୱବର୍ତ୍ତୀ ପାହାଡ଼ରୁ ମାଟି ଓ ପଥର ଖସି ବସ୍ତିର କେତେକ ଝୁମ୍ପୁଡ଼ି ଘର ଉପରେ ପଡ଼ିଯିବା ଫଳରେ ଏହି ଦୁର୍ଘଟଣା ଘଟିଥିଲା ।

## ଫେନ୍ସିଂ ଚାମ୍ପିୟନ୍ସିପ୍

ନାଇଜେରିଆର ଲାଗୋସ୍‌ଠାରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ ତରବାରୀ ଚାଳନା ପ୍ରତିଯୋଗିତାରେ ଭାରତ ଚମତ୍କାର ପ୍ରଦର୍ଶନ ସହ ମୋଟ୍ ୩୫ଟି ପଦକ ଜିତି ଚାମ୍ପିୟନ୍ ଆଖ୍ୟା ଅର୍ଜନ କରିଛି । ଏହି ପ୍ରତିଯୋଗିତାରେ ୨୩ ବର୍ଷରୁ କମ୍ ଏବଂ ବରିଷ୍ଠ ବର୍ଗକୁ ମିଶାଇ ଭାରତୀୟ ଦଳ ୧୩ଟି ସ୍ୱର୍ଣ୍ଣ, ୮ଟି ରୌପ୍ୟ ଏବଂ ୧୪ଟି କାଂସ୍ୟ ପଦକ ହାସଲ କରିଛି । ପ୍ରତିଯୋଗିତାର ଚତୁର୍ଥ ତଥା ଅନ୍ତିମ ଦିନରେ ଭାରତୀୟ ବରିଷ୍ଠ ତରବାରୀ ଚାଳକମାନେ ୬ଟି ଇଭେଣ୍ଟରୁ ୫ଟି ସ୍ୱର୍ଣ୍ଣପଦକ ଜିତିଛନ୍ତି । ଏହି ସର୍ବଶ୍ରେଷ୍ଠ ପ୍ରଦର୍ଶନ ବଳରେ ଭାରତ ଓ୍ୱିଲ୍‌କିନ୍‌ସନ ସୋର୍ଡ଼ ଟ୍ରଫି ଜିତିବାରେ ସଫଳ ହୋଇଛି । ପ୍ରଥମଥରପାଇଁ ରାଜ୍ୟଗୋଷ୍ଠୀ ଚାମ୍ପିୟନ୍‌ସିପ୍ ଟାଇଟଲ୍ ଜିତିବା ଭାରତୀୟ ଫେନ୍‌ସିଂ କ୍ଷେତ୍ରରେ ଥିବା ପ୍ରତିଭା, ଶୃଙ୍ଖଳା ଏବଂ କଠିନ ପରିଶ୍ରମର ନିଦର୍ଶନ ।

ଏହି ପ୍ରତିଯୋଗିତାରେ ଓଡ଼ିଶାର ଗଞ୍ଜାମ ଜିଲ୍ଲାର ଭି. ରମେଶ ରାଓ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି ।

*****